ଓ.ୟୁ.ଏ.ଟି ପବ୍ଲିକେସନ ସଂଖ୍ୟା: ୨୦୨୪୧୨୦୩୯୩

# ଉନ୍ନତ ପ୍ରଣାଳୀରେ ଗ୍ଲାଡ଼ିଓଲସ୍ ଫୁଲ ଚାଷ

ସଂପାଦନା:
**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



ଲେଖିକା:
**ଡଃ ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)





ବିଷୟବସ୍ତୁ:
**ଡଃ ସଞ୍ଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)
**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)
**ଶ୍ରୀ ଜାନୁଆରିୟସ୍ କୁଜୁର**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)



କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

# ଉନ୍ନତ ପ୍ରଣାଳୀରେ ଗ୍ଲାଡ଼ିଓଲସ୍ ଫୁଲ ଚାଷ


ସଂପାଦନା:
ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖିକା:
ଡଃ ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ବିଷୟବସ୍ତୁ:
ଡଃ ସଞ୍ଜୀବ କୁମାର ମାଣ୍ଡି
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)
ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)
ଶ୍ରୀ ଜାନୁଆରିୟସ୍ କୁଜୁର
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)



କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖିକା : ଡଃ ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ବିଷୟବସ୍ତୁ : ଡଃ ସଂଜୀବ କୁମାର ମାଣ୍ଡି
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)
ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)
ଶ୍ରୀ ଜାନୁଆରିୟସ୍ କୁଜୁର
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)

ଓ.ୟୁ.ଏ.ଟି ପବ୍ଲିକେଶନ ନଂ : ୨୦୨୪୧୨୦୩୯୩
2024120393

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ପ୍ରକାଶ କାଳ : ୨୦୨୪-୨୫

# ଉନ୍ନତ ପ୍ରଣାଳୀରେ ଗ୍ଲାଡ଼ିଓଲସ୍ ଫୁଲ ଚାଷ

ଓଡ଼ିଶାରେ ଫୁଲ ଚାଷ ତଥା ଫୁଲଭିତ୍ତିକ ଶିଳ୍ପର ଚାହିଦା ଧୀରେ ଧୀରେ ବଢ଼ିବାରେ ଲାଗିଛି । ଓଡ଼ିଶାର ମୃତ୍ତିକା ଓ ଜଳବାୟୁ ଫୁଲ ଚାଷ ପାଇଁ ଉପଯୁକ୍ତ । ତେଣୁ ବର୍ଷସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବ୍ୟବସାୟିକ ଭିତ୍ତିରେ ଫୁଲଚାଷ କରାଯାଇପାରିବ । ବର୍ତ୍ତମାନ ଆମ ରାଜ୍ୟରେ ପ୍ରାୟ ୬୫୦୦ ହେକ୍ଟର ଜମିରେ ଫୁଲଚାଷ କରାଯାଇ ବାର୍ଷିକ ପ୍ରାୟ ୨୪,୮୦୦ ଟନ୍ ଝୁରାଫୁଲ ଏବଂ ୫୫୦୦ ଲକ୍ଷ କଟାଫୁଲ ଉତ୍ପାଦନ କରାଯାଉଛି ।

ବ୍ୟବସାୟିକ ଭିତ୍ତିରେ ଚାଷ ହେଉଥିବା ଫୁଲ ମଧ୍ୟରୁ ଗୋଲାପ, ଗ୍ଲାଡ଼ିଓଲସ୍, ରଜନୀଗନ୍ଧା, ଅର୍କିଡ଼, ଡାହାଲିଆ, ଗେଣ୍ଡୁ, ସେବତୀ, ମଲ୍ଲୀ, ପଦ୍ମ ଇତ୍ୟାଦିର ଆଦର ଅଧିକ ।

ବଲ୍‌ବରୁ ଜାତ ଫୁଲମାନଙ୍କ ମଧ୍ୟରେ ଗ୍ଲାଡ଼ିଓଲସ୍‌ର ଆମ ଦେଶ ତଥା ବିଦେଶରେ ମଧ୍ୟ ବହୁତ ଆଦର । ଏହାର ଫୁଲ ବହୁଦିନ ଧରି ରହିପାରୁଥିବାରୁ ଲୋକମାନେ ଏହାକୁ ଅଧିକ ଲଗାଇବା ପାଇଁ ପସନ୍ଦ କରିଥାନ୍ତି । ଏହାର ପୁଷ୍ପ ଅତି ସହଜରେ ପ୍ୟାକିଙ୍ଗ୍ କରାଯାଇ ବାହାରକୁ ରପ୍ତାନୀ କରାଯାଇପାରୁଛି । ଏହାର କର୍ମ ଓ କର୍ମେଲ୍ ମଧ୍ୟ ବିଦେଶକୁ ପଠାଯାଉଛି । ପ୍ରାୟ ୧୦୦୦ କିସମର ଗ୍ଲାଡ଼ିଓଲସ୍ ବାହାରୁ ଅଣାଯାଇ ଆମ ଦେଶର ଉତ୍ତର ଓ ଦକ୍ଷିଣାଞ୍ଚଳରେ ଚାଷ କରାଯାଉଛି ।

ଗ୍ଲାଡ଼ିଓଲସ୍ ଫୁଲଗୁଡ଼ିକ କେଣ୍ଡା ବା ଛଡ଼ିରେ ଫୁଟି ଥାଆନ୍ତି । ଏହି ଫୁଲର ପାଖୁଡ଼ାଗୁଡ଼ିକ ବିଭିନ୍ନ ରଙ୍ଗର ତଥା ବିଭିନ୍ନ ଆକୃତିର ହୋଇଥାଆନ୍ତି । ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗ୍ଲାଡ଼ିଓଲସ୍‌କୁ ବେଡ୍ ବା ବଡ଼ରରେ ଲଗାଯାଏ କିମ୍ବା ଏହାକୁ କୁଣ୍ଡରେ ମଧ୍ୟ ଲଗାଯାଇପାରେ । ଏତଦ୍‌ବ୍ୟତୀତ ଗ୍ଲାଡ଼ିଓଲସ୍‌କୁ କଟାଫୁଲ ହିସାବରେ ବ୍ୟବହାର କରାଯାଏ । ଏହାର ସ୍ପାଇକ୍ ବା ଛଡ଼ିରେ ଥିବା ଫୁଲଗୁଡ଼ିକ ଗୋଟି ଗୋଟି ହୋଇ ତୋଳା ନ ଯାଇ ଫୁଲ ସହିତ ଛଡ଼ିଟିକୁ ମୂଳରୁ କାଟି ଅମଳ କରାଯାଏ । ଛଡ଼ିରେ ଥିବା ଫୁଲଗୁଡ଼ିକ ତଳୁ

ଉପରକୁ ଆସ୍ତେ ଆସ୍ତେ ଫୁଟନ୍ତି । ତେଣୁ ଏହାକୁ ଫୁଲଦାନୀରେ ସଜାଇଲେ ଏହା ଅନେକ ଦିନ ପର୍ଯ୍ୟନ୍ତ ତାଜା ରହିପାରେ । ଗ୍ଲାଡ଼ିଓଲସ୍‌କୁ ଫୁଲ ତୋଡ଼ା ତିଆରିରେ ମଧ୍ୟ ବହୁଳ ଭାବରେ ବ୍ୟବହାର କରାଯାଏ । କଟାଫୁଲ ପାଇଁ ବ୍ୟବସାୟିକ ଭିତ୍ତିରେ ଚାଷ କଲେ ଏହି ଫୁଲରୁ ଅଧିକ ଲାଭ ମିଳିପାରିବ ।

**ଜଳବାୟୁ :**

ମୃଦୁ ଜଳବାୟୁ ଗ୍ଲାଡ଼ିଓଲସ୍ ଚାଷ ପାଇଁ ଉପଯୁକ୍ତ । ବାୟୁମଣ୍ଡଳର ଉତ୍ତାପ ୧୦ରୁ ୪୦° ସେଲ୍‌ସିୟସ୍‌ରେ ଏହି ଚାଷ ଭଲ ହୁଏ । ମାତ୍ର ୧୫ ରୁ ୨୫ ଡିଗ୍ରୀ ସେଲ୍‌ସିୟସ୍‌ର ସବୁଠୁ ଭଲ ହୁଏ । ଦିନର ତାପମାତ୍ରା ୩୦ ଡିଗ୍ରୀରୁ ବେଶି ଓ ରାତିର ତାପମାତ୍ରା ୬ ଡିଗ୍ରୀରୁ କମ୍ ହେଲେ ଗ୍ଲାଡ଼ିଓଲସ୍ ଗଛ ଓ ଫୁଲର କ୍ଷତି ହୁଏ । ଫୁଲ ଫୁଟିବା ସମୟରେ ବର୍ଷା ବା ଅଧିକ ବେଗରେ ପବନ ବହିଲେ ଫୁଲ ଓ ସ୍ତବକ ନଷ୍ଟ ହୋଇଥାଏ । ଗ୍ଲାଡ଼ିଓଲସ୍ ଖରା ଓ ଖୋଲା ଜାଗା ଆବଶ୍ୟକ କରେ । ତେଣୁ ୧୦ ରୁ ୧୨ ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନ ଗ୍ଲାଡ଼ିଓଲସ୍ ଚାଷ ପାଇଁ ବାଛିବା ଉଚିତ୍ ।

**ମୃତ୍ତିକା :**

ଗଭୀର, ନିଗିଡ଼ା, ଦୋରସାରୁ ବାଲି ଦୋରସା ଏବଂ ମାଟିର ଅମ୍ଳତା ୫ ରୁ ୭.୫ ଥିବା ମାଟିରେ ଏହାର ଚାଷ ଲାଭଜନକ ଭାବେ କରାଯାଇ ପାରିବ ।

**କିସମ :**

ଗ୍ଲାଡ଼ିଓଲସ୍‌ର ଅନେକ କିସମ ଅଛି । ସେମାନଙ୍କ ମଧ୍ୟରୁ ବ୍ଲାକ୍‌ଜାକ୍ ଚେରିବ୍ଲସମ୍, ଫ୍ରେଣ୍ଡସିପ୍, ହାପିଏଣ୍ଡ, ହଣ୍ଟିଙ୍ଗ୍, ଅଗ୍ନିରେଖା, ଆପଲବ୍ଲସମ୍, ଆରତୀ, ଅପ୍‌ସରା, ମୀରା, ଶୋଭା, ପୁନମ୍, ପିଟର୍ ପିୟର୍ସ, ହ୍ୱାଇଟ୍ ପ୍ରସ୍ପରିଟି, ରେଡ଼୍ ବିଉଟି, ପିଙ୍କ୍ ଫ୍ରେଣ୍ଡସିପ୍, ଶ୍ରୀ ଗଣେଶ, ଆମେରିକାନ୍ ବିଉଟି ଇତ୍ୟାଦି ପ୍ରଧାନ । ସିଲଭିଆ, ଟ୍ୟାଲ୍ ଜୁବୁଲି, ଅଷ୍ଟ୍ରେଲିଆନ୍ ଫେୟାର୍ ପ୍ରଭୃତି ଅଧିକ ଉତ୍ତାପରେ ମଧ୍ୟ ଚାଷ କରାଯାଇପାରେ ।

**ବଂଶ ବିସ୍ତାର :**

ଗ୍ଲାଡ଼ିଓଲସ୍‌ର ବଂଶ ବିସ୍ତାର କର୍ମ (Corm) ବା ଧନକନ୍ଦରୁ ହୋଇଥାଏ । ଏଥିପାଇଁ ୪ ସେ.ମି. ବା ତା'ଠାରୁ ବଡ଼ ବ୍ୟାସ ବିଶିଷ୍ଟ କର୍ମ ବ୍ୟବହାର କରାଯାଏ । ଧନକନ୍ଦ ଓ ଉପକନ୍ଦଗୁଡ଼ିକ ଅମଳ ପରେ ନିଷ୍କ୍ରିୟ ଥିବାରୁ ସଙ୍ଗେ ସଙ୍ଗେ ଲଗାଇଲେ ଗଜା ହୁଏ ନାହିଁ । ଏଗୁଡ଼ିକୁ ୩-୪ ମାସ ଯାଏ ୪-୫ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପରେ ରଖିଲେ କିମ୍ବା ଇଥ୍ରେଲ୍ (୧ ଗ୍ରାମ୍/ ଏକ ଲିଟର ପାଣି) କିମ୍ବା ଜିଏ (୦.୧ ଗ୍ରାମ୍/ଲିଟର ପାଣି) ଦ୍ରବଣରେ ବୁଡ଼ାଇଲେ ଶୀଘ୍ର ଗଜା ହୁଏ । କନ୍ଦଗୁଡ଼ିକର ତଳ ଅଂଶରେ ଛୋଟ ଛୋଟ ଚେର ବାହାରିବାର ଦେଖାଗଲେ ଲଗାଇବା ଉଚିତ । ଏଗୁଡ଼ିକ ଲଗାହେବା ପୂର୍ବରୁ ଏହାର ଉପର ଚୋପାକୁ ଛଡ଼ାଇ ଶତକଡ଼ା ୦.୨ ଭାଗ ବାଭିଷ୍ଟିନ୍ (୨ ଗ୍ରାମ୍ ଔଷଧ ୧ ଲିଟର ପାଣିରେ)ର ଦ୍ରବଣରେ ୧୫ ମିନିଟ୍ ବୁଡ଼ାଇ ବିଶୋଧନ କରାଯିବା ଦରକାର ।

**ଜମି ପ୍ରସ୍ତୁତି :**

କର୍ମ ବା ଧନକନ୍ଦ ଲଗାଇବା ପୂର୍ବରୁ ଜମିକୁ ଦୁଇ/ତିନି ଓଡ଼ ଚଷ କରି ମାଟିକୁ ଭଲ ଭାବରେ ଗୁଣ୍ଡ କରି ଦିଆଯାଏ ଏବଂ ଜମିକୁ ୧୦ ମିଟର ଲମ୍ବ ଓ ୧.୫ ମିଟର ଓସାର ବିଶିଷ୍ଟ କେତେଗୁଡ଼ିଏ ଛୋଟ ଛୋଟ ବେଡ୍ ବା କିଆରୀରେ ବିଭକ୍ତ କରିଦିଆଯାଏ । ଏକ ଏକର ଜମିରେ ଏହି ଆକାରର ୧୬୦ଟି ବେଡ୍ ତିଆରି ହୋଇପାରିବ ।

**ଖତସାର :**

ଜମିକୁ ଭଲ ଭାବରେ ଚଷ କରିବା ପରେ ଘାସ ବାଛି କର୍ମ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ ଟନ୍ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରାଯାଏ । ଏହାଛଡ଼ା ଏକର ପ୍ରତି ୨୦ କେଜି ଯବକ୍ଷାରଜାନ ସହିତ ଫସ୍‌ଫରସ୍ ଓ ପଟାସ୍ ପ୍ରତ୍ୟେକରୁ ୮୦ କେଜି ଲେଖାଏଁ ପ୍ରୟୋଗ କରାଯାଏ । ଏହାପରେ ଯବକ୍ଷାରଜାନ ଥରକୁ ୨୦ କେଜି ହିସାବରେ ୩ ଥର ଯଥା ଗଛରେ ୩/୪ଟି ପତ୍ର ବାହାରିବାର ଅବସ୍ଥାରେ, ଫୁଲ ବା ଛଡ଼ି ବାହାରିବା

ସମୟରେ ଏବଂ ଫୁଲ ସରିବା ପରେ ପ୍ରୟୋଗ କରାଯାଏ । ଅଣୁସାରର ଅଭାବ ପରିଲକ୍ଷିତ ହେଲେ ମିଶ୍ରିତ ଅଣୁସାର (୩ ଗ୍ରାମ୍/ଲିଟର ପାଣି) ଲଗାଇବାର ୩୦ ଦିନ ଠାରୁ ୧୫ ଦିନ ବ୍ୟବଧାନରେ ୨ ଥର ସ୍ପ୍ରେ କରିବା ଉଚିତ୍ ।

**ଲଗାଇବାର ବ୍ୟବଧାନ :**

ଧାଡ଼ିକୁ ଧାଡ଼ି ୩୦ ସେ.ମି. ଏବଂ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଗ୍ଲାଡ଼ିଓଲସ୍ ଲଗାଯାଏ । କର୍ମଗୁଡ଼ିକୁ ୫ରୁ ୭ ସେ.ମି. ଗଭୀରତାରେ ପୋତାଯାଏ । ତେବେ ଅଧିକ କର୍ମେଲ୍ (Cormel) ବା ଛୋଟ କର୍ମର ଅମଳ ପାଇଁ କର୍ମଗୁଡ଼ିକ ୩ ସେ.ମି. ଗଭୀରତାରେ ପୋତିବା ଉଚିତ ।

**ବିହନ ପରିମାଣ :**

ଗୋଟିଏ ବେଡ୍‌ରେ ୨୫୦ଟି କର୍ମ ଲାଗିପାରିବ ଏବଂ ଏକ ଏକର ଜମିରେ ୧୬୦ଟି ବେଡ୍ ପାଇଁ ସମୁଦାୟ ୪୦,୦୦୦ କର୍ମ ଆବଶ୍ୟକ ।

**ଜଳସେଚନ :**

ଏହା ସାଧାରଣତଃ ମାଟି, ପାଗ ଓ ଗଛର ଅବସ୍ଥା ଉପରେ ନିର୍ଭର କରିଥାଏ । ଦୋରସା ମାଟିରେ ୭ରୁ ୧୦ ଦିନ ଅନ୍ତରରେ ପାଣି ମଡ଼ାଇବା ଉଚିତ । ଗଛରେ ଫୁଲକେଣ୍ଡା ବା ଛଡ଼ି ବାହାରିବା ସମୟରେ ମାଟି ଯେପରି ଆର୍ଦ୍ର ରହେ ସେଥିପ୍ରତି ନଜର ଦେବା ଦରକାର; ମାତ୍ର ଅତ୍ୟଧିକ ଜଳସେଚନ ଗଛ ପାଇଁ କ୍ଷତିକାରକ । ବଗିଚାରେ ଛାଦିକରଣ କଲେ ଜଳସେଚନ ଅଧିକ ଉପଯୋଗୀ ହେବା ସହିତ ଫୁଲର ମାନ ମଧ ବଢ଼ିଥାଏ ।

**ପରବର୍ତ୍ତୀ ଯତ୍ନ :**

ସାର ପ୍ରୟୋଗ ସମୟରେ କୋଡ଼ାଖୁସା କରି ଅନାବନା ଗଛ ସଫା କରାଯାଏ । ଏହି ସମୟରେ ହୁଡ଼ା ମଧ ଟେକି ଦେବା ଉଚିତ । ଏତଦ୍‌ବ୍ୟତୀତ ଆଉ ଦୁଇଥର କୋଡ଼ାଖୁସା ମଧ କରାଯାଇପାରେ । ଗଛରେ ଫୁଲକେଣ୍ଡା ବା ଛଡ଼ି ବାହାରିବା ପରେ ଛଡ଼ିର ଓଜନ ଯୋଗୁଁ ଗଛଗୁଡ଼ିକ ଶୋଇପଡ଼ନ୍ତି । ତେଣୁ ସେଗୁଡ଼ିକର ଟେକ ବା ଢିରା ଦିଆଯିବା ଉଚିତ । ପ୍ରତ୍ୟେକ ଧାଡ଼ିରେ

ସମୟରେ ଏବଂ ଫୁଲ ସରିବା ପରେ ପ୍ରୟୋଗ କରାଯାଏ । ଅଣୁସାରର ଅଭାବ ପରିଲକ୍ଷିତ ହେଲେ ମିଶ୍ରିତ ଅଣୁସାର (୩ ଗ୍ରାମ୍/ଲିଟର ପାଣି) ଲଗାଇବାର ୩୦ ଦିନ ଠାରୁ ୧୫ ଦିନ ବ୍ୟବଧାନରେ ୨ ଥର ସ୍ପ୍ରେ କରିବା ଉଚିତ୍ ।

**ଲଗାଇବାର ବ୍ୟବଧାନ :**

ଧାଡ଼ିକୁ ଧାଡ଼ି ୩୦ ସେ.ମି. ଏବଂ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଗ୍ଲାଡ଼ିଓଲସ୍ ଲଗାଯାଏ । କର୍ମଗୁଡ଼ିକୁ ୫ରୁ ୭ ସେ.ମି. ଗଭୀରତାରେ ପୋତାଯାଏ । ତେବେ ଅଧିକ କର୍ମେଲ୍ (Cormel) ବା ଛୋଟ କର୍ମର ଅମଳ ପାଇଁ କର୍ମଗୁଡ଼ିକ ୩ ସେ.ମି. ଗଭୀରତାରେ ପୋତିବା ଉଚିତ ।

**ବିହନ ପରିମାଣ :**

ଗୋଟିଏ ବେଡ୍‌ରେ ୨୫୦ଟି କର୍ମ ଲାଗିପାରିବ ଏବଂ ଏକ ଏକର ଜମିରେ ୧୬୦ଟି ବେଡ୍ ପାଇଁ ସମୁଦାୟ ୪୦,୦୦୦ କର୍ମ ଆବଶ୍ୟକ ।

**ଜଳସେଚନ :**

ଏହା ସାଧାରଣତଃ ମାଟି, ପାଗ ଓ ଗଛର ଅବସ୍ଥା ଉପରେ ନିର୍ଭର କରିଥାଏ । ଦୋରସା ମାଟିରେ ୭ରୁ ୧୦ ଦିନ ଅନ୍ତରରେ ପାଣି ମଡ଼ାଇବା ଉଚିତ । ଗଛରେ ଫୁଲକେଣ୍ଡା ବା ଛଡ଼ି ବାହାରିବା ସମୟରେ ମାଟି ଯେପରି ଆର୍ଦ୍ର ରହେ ସେଥିପ୍ରତି ନଜର ଦେବା ଦରକାର; ମାତ୍ର ଅତ୍ୟଧିକ ଜଳସେଚନ ଗଛ ପାଇଁ କ୍ଷତିକାରକ । ବଗିଚାରେ ଛାଦିକରଣ କଲେ ଜଳସେଚନ ଅଧିକ ଉପଯୋଗୀ ହେବା ସହିତ ଫୁଲର ମାନ ମଧ୍ୟ ବଢ଼ିଥାଏ ।

**ପରବର୍ତ୍ତୀ ଯତ୍ନ :**

ସାର ପ୍ରୟୋଗ ସମୟରେ କୋଡ଼ାଖୁସା କରି ଅନାବନା ଗଛ ସଫା କରାଯାଏ । ଏହି ସମୟରେ ହୁଡ଼ା ମଧ୍ୟ ଟେକି ଦେବା ଉଚିତ । ଏତଦ୍‌ବ୍ୟତୀତ ଆଉ ଦୁଇଥର କୋଡ଼ାଖୁସା ମଧ୍ୟ କରାଯାଇପାରେ । ଗଛରେ ଫୁଲକେଣ୍ଡା ବା ଛଡ଼ି ବାହାରିବା ପରେ ଛଡ଼ିର ଓଜନ ଯୋଗୁଁ ଗଛଗୁଡ଼ିକ ଶୋଇପଡ଼ନ୍ତି । ତେଣୁ ସେଗୁଡ଼ିକର ଟେକ ବା ଢିରା ଦିଆଯିବା ଉଚିତ । ପ୍ରତ୍ୟେକ ଧାଡ଼ିରେ

ବାଉଁଶ ବା ରସି ଟାଣି ଗଛକୁ ମଧ୍ୟ ବନ୍ଧାଯାଇପାରେ ।

## ରୋଗ ପରିଚାଳନା :

### (୧) ଝାଉଁଳା ବା ଗଳାବନ୍ଧ ସଢ଼ା (Wilt or Collar rot):

ଏହା ଫିମ୍ପି ଜାତୀୟ ଜୀବାଣୁ ଦ୍ୱାରା ହୋଇଥାଏ । ଏହି ରୋଗରେ ଗଛର ପତ୍ରଗୁଡ଼ିକ ଦାଆ ପରି ହୋଇଯାଇ ହଳଦିଆ ପଡ଼ିଯାଆନ୍ତି ଏବଂ ଗଳାବନ୍ଧ (ଗଛମୂଳ)ରେ ନାଲିଆଖିଆ ବାଦାମୀ ରଙ୍ଗର ଯାଦୁରା ସୃଷ୍ଟି ହୁଏ । ଏହି ରୋଗର ନିରାକରଣ ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ ।

ଧନକନ୍ଦ ବା କର୍ମ ଲଗାଇବା ପୂର୍ବରୁ ବାଭିଷ୍ଟିନ୍‌ର ଦ୍ରବଣରେ ବିଶୋଧନ କରିବା ଦରକାର । ଗୋଟିଏ ଜମିରେ ଲାଗ୍ ଲାଗ୍ ୨/୩ ବର୍ଷ ଚାଷ ନ କରି ଜମି ବଦଳାଇବା ଉଚିତ୍ । ମାଟିକୁ ଶତକଡ଼ା ୦.୨ ଭାଗ ବାଭିଷ୍ଟିନ୍ ଦ୍ରବଣରେ ନିମଜ୍ଜନ (Drenching) କରି ଏହାକୁ ୨/୩ ଥର ଉପର ତଳ କରିଲେ ସୁଫଳ ମିଳିଥାଏ ।

### (୨) ଧନକନ୍ଦ ସଢ଼ା (Corm rot) :

ଏହା ଧନକନ୍ଦ ବା କର୍ମକୁ ସାଇତି ରଖିବା ସମୟରେ ହୋଇଥାଏ । ଏହା ମଧ୍ୟ ଫିମ୍ପିଜାତୀୟ ଜୀବାଣୁ ଦ୍ୱାରା ହୋଇଥାଏ । ସାଇତା ହୋଇଥିବା ବେଳେ ଧନକନ୍ଦଗୁଡ଼ିକ ନରମ ଓ ହାଲୁକା ହୋଇଯାଆନ୍ତି । ଏଥିରୁ ପଚା ଦୁର୍ଗନ୍ଧ ବାହାରେ । ଏଗୁଡ଼ିକ ଉପରେ କଳାଦାଗ ଦେଖାଯାଏ । ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ କର୍ମଗୁଡ଼ିକୁ ସାଇତିବା ସମୟରେ ପତଳା ସ୍ତରରେ ବିଛାଇବା ଦରକାର । ସାଇତିବା ପୂର୍ବରୁ ଶତକଡ଼ା ୦.୩ ଭାଗ କ୍ୟାପ୍‌ଟାନ୍ କିମ୍ବା ଶତକଡ଼ା ୦.୨ ଭାଗ ବାଭିଷ୍ଟିନ୍ ଦ୍ରବଣରେ ବିଶୋଧନ କରି ଛାଇରେ ଶୁଖାଇ ରଖିବା ଉଚିତ ।

### (୩) ଥ୍ରିପସ୍, ଜଉପୋକ, ଅଷ୍ଟପଦୀ (Thrips, Aphids & Mites) :

ଏଗୁଡ଼ିକ ଗ୍ଲାଡ଼ିଓଲସ୍‌ର ପ୍ରଧାନ ଶତ୍ରୁ ଅଟନ୍ତି । ଏମାନେ ଗଛରୁ ତଥା ଫୁଲରୁ ରସ ଶୋଷଣ କରନ୍ତି । ଥ୍ରିପସ୍‌କୁ ଦମନ କରିବା ପାଇଁ ଶତକଡ଼ା

୦.୧୫ ଭାଗ ନୁଭାକ୍ରନ୍ ସ୍ପ୍ରେ କରିବା ଉଚିତ । ସେହିପରି ଜଉପୋକକୁ ଦମନ କରିବା ପାଇଁ ୨ ମିଲିଲିଟର ଡାଇମିଥଏଟ୍ ବା ଏଣ୍ଡୋସଲ୍‌ଫାନ୍ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରିବା ଦରକାର । ଅଷ୍ଟପଦୀକୁ ଶତକଡ଼ା ୦.୫ ଭାଗ ଡାଇକୋଫଲ୍ ସ୍ପ୍ରେ କରି ନିୟନ୍ତ୍ରଣ କରାଯାଇପାରିବ ।

**ଅମଳ :**

ଫୁଲକେଣ୍ଡା ବା ଛଡ଼ିର ତଳ ଫୁଲଟିରେ ସଠିକ୍ ରଙ୍ଗ ଆସିବା ପରେ ବା ସାମାନ୍ୟ ଖୋଲିବା ପରେ ସ୍ପାଇକ୍‌ଗୁଡ଼ିକ ଛୁରୀ ସାହାଯ୍ୟରେ ମୂଳରୁ କାଟି ଅମଳ କରାଯାଏ । ଏକ ଏକରରୁ ୪୦,୦୦୦ ସ୍ପାଇକ୍ ବା ଫୁଲକେଣ୍ଡା ଅମଳ ମିଳିଥାଏ ।

ଫୁଲକେଣ୍ଡା ଅମଳ ହେବାର ୬ରୁ ୮ ସପ୍ତାହ ପରେ ଧନକନ୍ଦ ଅମଳ କରାଯାଏ । ଅମଳ ହେବାର ୨/୩ ସପ୍ତାହ ପୂର୍ବରୁ ଜଳ ସେଚନ ବନ୍ଦ କରିଦେବା ଦରକାର । ଗଛରେ ପତ୍ର ହଳଦିଆ ହୋଇ ଆସିଲେ ଧନକନ୍ଦ ପାଳକ ହେଲା ବୋଲି ଜଣାପଡ଼େ । ଏଗୁଡ଼ିକୁ ସାବଧାନତା ସହକାରେ ମାଟିରୁ ଖୋଳାଯାଇ ଏଥିରେ ଲାଗିଥିବା ମାଟିକୁ ସଫାକରି ଛାଇରେ ଏକ ସପ୍ତାହ ଶୁଖାଯାଏ । ଏହାପରେ ଶତକଡ଼ା ୦.୨ ଭାଗ ବାଭିଷ୍ଟିନ୍‌ର ଦ୍ରବଣରେ ୩୦ ମିନିଟ୍ ବୁଡ଼ାଇ ଛାଇରେ ଦୁଇ ତିନିଦିନ ଶୁଖିବା ପରେ ପଲିଥିନ୍ ମୁଣି ବା ଅଖାରେ ପୂରାଇ ଶୀତଳ ଭଣ୍ଡାରରେ ସାଇତି ରଖାଯାଏ । ଗୋଟିଏ ଗଛରୁ କିସମ ଅନୁସାରେ ଗୋଟିଏ ବଡ଼ କର୍ମ ସହିତ ୧୬ ରୁ ୬୦ଟି ପର୍ଯ୍ୟନ୍ତ ଛୋଟ କର୍ମେଲ୍ ଅମଳ ମିଳିଥାଏ ।






କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Email : kvk.gajapati@ouat.ac.in


2024120393